**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ**

ପତ୍ରସଂଖ୍ୟା. ୯୬୮ / ସୂ.ଲୋ.ସଂ., ତା. ୨୮-୦୯-୨୦୧୮

e-mail- dkl.dipro@gmail.com
ଦୂରଭାଷ- (୦୬୭୬୨)-୨୨୪୪୯୪

# ଢେଙ୍କାନାଳରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

---

ଢେଙ୍କାନାଳ, ତା-୨୮.୦୯.୨୦୧୮ରିଖ- ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଚଳିତ ବର୍ଷ ଅକ୍ଟୋବର ୨୪ରୁ ଆରମ୍ଭ ହେବ । ଏହି ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ନିଖିଲ ପଵନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ମୀପୂଜା ସୂଚାରୁ ରୂପେ ସଂପୂର୍ଣ୍ଣ କରିବାପାଇଁ ଜିଲ୍ଲାପାଳ ଶ୍ରୀ କଲ୍ୟାଣ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଓ ସଂପୃକ୍ତ ଅଧିକାରୀ ଦାୟିତ୍ୱରେ ସହ ଏହି କାର୍ଯ୍ୟ ସଂପାଦନା କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲ ।

ଢେଙ୍କାନାଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅବନୀକାନ୍ତ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେବାପରେ ଢେଙ୍କାନାଳ ସଦର ଉପଜିଲ୍ଲାପାଳ ଶ୍ରୀ ପିତାମ୍ବର ସାମଲ ଲକ୍ଷ୍ମୀପୂଜା କାର୍ଯ୍ୟକ୍ରମ ସଂପର୍କରେ ସମସ୍ତ ଆଲୋଚ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ ।

ଲକ୍ଷ୍ମୀପୂଜା ମେଢ ସାଜସଜ୍ଜା ସଂପର୍କରେ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା । ପୂଜାମଣ୍ଡପ ଗୁଡ଼ିକର ତୋରଣ ପ୍ରବେଶ ଦ୍ୱାର (ଗେଟ୍) ଯେପରି ରାସ୍ତା ଓ ଜନସାଧାରଣଙ୍କର ଯାତାୟତରେ ଅସୁବିଧା ନକରେ ସେଥିପାଇଁ ଏହାର ଉଚ୍ଚତା ୧୮ଫୁଟ୍ ଓ ଚଉଡ଼ା ୧୬ଫୁଟ୍‌ରୁ ୧୮ଫୁଟ୍ ରଖିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ମେଢ ଅବସ୍ଥାନ ପୂର୍ବବର୍ଷ ଭଳି ରହିବା ପାଇଁ ଆଲୋଚନା ହୋଇଥିଲା ।

ଢେଙ୍କାନାଳ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସନ୍ତୋଷ କୁମାର ନାୟକ ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଯାନବାହନ ଚଳାଚଳ ଓ ଗାଡ଼ି ପାର୍କିଂ ବ୍ୟବସ୍ଥା ସଂପର୍କରେ ସୂଚନା ଦେଇଥିଲେ । ପୂଜା ସମୟରେ ଅଶ୍ଳୀଳ ଗୀତ ଓ ନୃତ୍ୟ ନ ବଜେଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପୂଜା ସମୟରେ ସହର ମଧ୍ୟରେ ଭାରିଯାନ ଚଳାଚଳ ରାତି୧୨ଟାରୁ ସକାଳ ୮ଟା ମଧ୍ୟରେ କରାଯିବା ପାଇଁ ଆଲୋଚନା ହୋଇଥିଲା । ସମସ୍ତ ପୂଜାକମିଟିର ପ୍ରତିନିଧି ଭାଇଚାରା ଓ ସଦ୍‌ଭାବନା ରଖିବା ସହ ପୂର୍ଣ୍ଣ ସହଯୋଗ କରିବାକୁ ଶ୍ରୀ ନାୟକ ଆହ୍ୱାନ୍ ଦେଇଥିଲେ । ମହାବୀର ପୂଜାକମିଟି ସଭାପତି ଶ୍ରୀ ଦୀପକ ପ୍ରସାଦ ପଟ୍ଟନାୟକ ଉପଯୁକ୍ତ କମିଟି ଗଠନ କରାଯାଇ ଶାନ୍ତି ଶୃଙ୍ଖଳା ରକ୍ଷାକରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । କମିଟିରେ ସମସ୍ତ ପୂଜା କମିଟିର ପ୍ରତିନିଧି ରହିବା ଉଚିତ ବୋଲି ମତ୍ତ ପ୍ରକାଶ ପାଇଥିଲା ।

ଢେଙ୍କାନାଳ ଲକ୍ଷ୍ମୀପୂଜା ସମୟରେ ବିଦ୍ୟୁତ୍ ଯୋଗାଣ ଠିକ୍ ଭାବରେ କରିବା, ବିଦ୍ୟୁତ୍ ଖୁଣ୍ଟ ଓ ତାର ଠିକ୍ କରିବା ଏବଂ ଫ୍ଲାଇଓଭର ବ୍ରିଜ୍ ଆଲୋକୀକରଣ କରିବା ପାଇଁ ଆଲୋଚନା ହୋଇଥିଲା । ସେସୁ

(ଅ.ପୃ.ଦେ.)

ନିର୍ବାହୀଯନ୍ତ୍ରୀ ଇଂ ସ୍ୱପ୍ନ ଶରିତ୍ ମିଶ୍ର ପୂଜା ସମୟରେ ଲାଇଟ୍ କଟିବନାହିଁ ବୋଲି ବୈଠକରେ ପ୍ରକାଶ କରିଥିଲେ ।

ଢେଙ୍କାନାଳ ସହରର ବିଭିନ୍ନ ସ୍ଥାନରେ ରାସ୍ତା ମରାମତି କରିବା ଓ ରାସ୍ତାକୁ ଚଉଡ଼ା କରିବା ପାଇଁ ଆଲୋଚନା ହୋଇଥିଲା । ପୂଜା ସମୟରେ ଯାତ୍ରୀ ପରିବହନ ବ୍ୟବସ୍ଥା ଓ ଆବଶ୍ୟକ ବସ୍ ଚଳାଚଳ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଲକ୍ଷ୍ମୀପୂଜା ସମୟରେ ଯାତ୍ରୀ ସମାଗମକୁ ଦୃଷ୍ଟିରେ ରିଖି ପରିମଳ ବ୍ୟବସ୍ଥା ଠିକ୍ କରିବା, ଆବଶ୍ୟକ ସ୍ଥାନରେ ଅସ୍ଥାୟୀ ଶୌଚାଳୟ କରିବା ଓ ସହର ପରିଷ୍କାର ପରିଚ୍ଛନ୍ନ ରଖାଯିବ ବୋଲି ପୌରପାଳ ଶ୍ରୀ ସୁଧାଂଶୁ କୁମାର ଦଳେଇ ନିର୍ଭୟ ପ୍ରତିଶ୍ରୁତି ଦେଇଥିଲେ । ପୂଜା ସମୟରେ ସହରରେ ଅଧିକ ଯାନସମାଗମ ଓ ଯାତ୍ରୀ ଆଗମନକୁ ଦୃଷ୍ଟିରେ ରଖି ଦିନକୁ ଦୁଇଥର ପର୍ଯ୍ୟାପ୍ତ ଜଳଯୋଗାଣ କରିବାକୁ ଜନସ୍ୱାସ୍ଥ୍ୟ ବିଭାଗ ଏସ୍.ଡ଼ି.ଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

ବେଆଇନ୍ ଚୋରାମଦ କାରବାର ବନ୍ଦକରିବା ପାଇଁ ପୋଲିସ୍ ଓ ଅବକାରୀ ବିଭାଗ ତରଫରୁ ମିଳିତ ସ୍କ୍ୱାଡ୍ ଗଠନ କରାଯାଇ ଧରପଗଡ଼ କରାଯିବ । ପୂଜା ସମୟରେ ଆବଶ୍ୟକ ଖାଉଟି ସାମଗ୍ରୀ ଯୋଗାଣ, ୩/୪ ଗୋଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବା ସହ ଖାଦ୍ୟ ପଦାର୍ଥର ମାନ ଯାଞ୍ଚ କରାଯିବ ।

ଲକ୍ଷ୍ମୀପୂଜା ସୁପରିଚାଳନା ପାଇଁ ଏକ ନିୟନ୍ତ୍ରଣ କକ୍ଷ ୦୬୭୬୨-୨୨୫୭୦୦ ନମ୍ବରରେ ଖୋଲାଯିବ । ସେହିପରି ଉପଜିଲ୍ଲାପାଳ ଢେଙ୍କାନାଳଙ୍କ ୦୬୭୬୨-୨୨୪୬୨୫ ନମ୍ବରରେ ମଧ୍ୟ ଅଭିଯୋଗ କରାଯାଇପାରିବ । ପୋଲିସ କଣ୍ଟ୍ରୋଲ ରୁମ ୨୪ଘଣ୍ଟା କାର୍ଯ୍ୟକରିବ । ପୂଜାରେ ପଲିଥିନ୍, ପ୍ଲାଷ୍ଟିକ୍ ଓ ଥର୍ମୋକୁଲ୍ ସଂପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି ।

ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାକୁ ରାଜ୍ୟସ୍ତରୀୟ ମାନ୍ୟତା ଦିଆଯିବାପାଇଁ ଉପସ୍ଥିତ ସଦସ୍ୟମାନେ ଅନୁରୋଧ କରିଥିଲେ । ପୂଜା ସମୟରେ ୬୫ ଡେସିବେଲ କ୍ଷମତା ମଧ୍ୟରେ ଡ଼ାକବାଜି ଯନ୍ତ୍ର ବଜାଯାଇ ପାରିବ । ପୂଜା କମିଟି ସୀମା ବିବାଦ ମିଳିତ ବଜାର ପୂଜା କମିଟି ଓ ପୂଜା କମିଟିମାନେ ବସି ସମାଧାନ କରିବେ । ସହରରେ ଚାନ୍ଦା ଆଦାୟକୁ ଆଇନ୍ ଅନୁଯାୟୀ ବାଧ୍ୟତା ମୂଳକ କରାଯାଇପାରିବ ନାହିଁ । ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ କଲ୍ୟାଣ ଆଶ୍ୱାସନା ଦେଇଥିଲେ ।

ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ଜି.ଏମ୍.ଆର୍.ଆଇ.ସି. ଶ୍ରୀ ଦେବବ୍ରତ ଜେନା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ, ଏସ୍.ଡ଼ି.ପି.ଓ ସେକ୍ ଅବଦୁଲ କରିମ୍, ଡ଼ି.ଏସ୍.ପି.(ଡି.ଆଇ.ବି.) ଶ୍ରୀ ଯୋଗେଶ୍ୱର ଓରାମ୍, ଢେଙ୍କାନାଳ ଟାଉନ୍ ଥାନା ଅଧିକାରୀ ଶ୍ରୀ ଅଭିନବ ଡ଼ାଲୁଆ, ସଦରଥାନା ଅଧିକାରୀ ମଳୟକୁମାର ନାୟକ, ମିଳିତ ଲକ୍ଷ୍ମୀପୂଜା କମିଟି ସଭାପତି ଶ୍ରୀ ରାମଚନ୍ଦ୍ର ପାତ୍ର, ବିଭିନ୍ନ ପୂଜାକମିଟିର କର୍ମକର୍ତ୍ତା, ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ଓ ବିଭିନ୍ନ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

---------------------- ହେମନ୍ତ କୁମାର ନାୟକ ୮।୧୦।୧୪

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,

ଢେଙ୍କାନାଳ

ଏହାର ଏକକିତା ନକଲ ସଂପୃକ୍ତ ଗଣମାଧ୍ୟମର ପ୍ରତିନିଧି-ମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।